# NATIONAL NEWS BULLETIN (ODIA)

**4 September - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତର ପ୍ରଥମ ପୃଥ୍ୱୀ ନିରୀକ୍ଷଣ ଉପଗ୍ରହ EOS-5ର ସଫଳ ଉତ୍କ୍ଷେପଣ ନେଇ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

- ନୂଆଦିଲ୍ଲୀରେ ଜାରି ରହିଛି ବ୍ରିକ୍ସ ପ୍ରଧାନ ବିଚାରପତିମାନଙ୍କ ୩ ଦିନିଆ ସମ୍ମିଳନୀ

- ନେପାଳ ବନ୍ୟାରେ ମୃତ୍ୟୁ ସଂଖ୍ୟା ୧ ହଜାର ୨୮୨କୁ ବୃଦ୍ଧି

– ୫ ହଜାର ୫୩ ଜଣ ନିଖୋଜ ଥିବା ସୂଚନା

- ଉତ୍ସାହ ଉଦ୍ଦୀପନାର ସହ ଆଜି ପାଳିତ ହେଉଛି ଜନ୍ମାଷ୍ଟମୀ ପର୍ବ

–ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

ଏବଂ

- ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଆଜି ସନ୍ଧ୍ୟାରେ ଦାନିସ୍ ଯୋଡ଼ିଙ୍କ ସହ ମୁକାବିଲା କରିବେ ଭାରତୀୟ ଯୋଡ଼ି

## ପିଏମ୍ - ରାଜନାଥ–ଜିଏସ୍ଏଲ୍ଭି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ପ୍ରଥମ ପୃଥ୍ୱୀ ନିରୀକ୍ଷଣ ଉପଗ୍ରହ EOS-05 ର ସଫଳ ଉତ୍କ୍ଷେପଣ ନେଇ ପ୍ରଶଂସା କରିଛନ୍ତି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଉତ୍କ୍ଷେପଣ ଭାରତର ମହାକାଶ କ୍ଷେତ୍ରରେ ବୃଦ୍ଧି ପାଉଥିବା ସାମର୍ଥ୍ୟ ଓ ନବସୃଜନତାର ପ୍ରତିଫଳନ । ପ୍ରଧାନମନ୍ତ୍ରୀ କହିଛନ୍ତି, ଇସ୍ରୋ ଏବଂ ଭାରତୀୟ ଶିଳ୍ପ ମଧ୍ୟରେ ଭାଗିଦାରିତା ଦେଶର ମହାକାଶ ଇକୋ ସିଷ୍ଟମ୍‌କୁ ନୂତନ ଦିଗ ପ୍ରଦାନ କରିଛି ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆଜି ଭାରତର ପ୍ରଥମ ପୃଥ୍ୱୀ ନିରୀକ୍ଷଣ ଉପଗ୍ରହର ସଫଳ ଉତ୍କ୍ଷେପଣ ନେଇ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି, ଆଜି ଉତ୍କ୍ଷେପଣ ହୋଇଥିବା EOS-05 ଉପଗ୍ରହ ଭାରତର ପୃଥ୍ୱୀ ନିରୀକ୍ଷଣ ସାମର୍ଥ୍ୟକୁ ବୃଦ୍ଧି କରିବା ସହ ଦେଶର ମହାକାଶ କାର୍ଯ୍ୟକ୍ରମକୁ ସହାୟତା ପ୍ରଦାନ କରିବ । ସେ କହିଛନ୍ତି, ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ-ଇସ୍ରୋ ଏବଂ ଭାରତୀୟ ଶିଳ୍ପ ଗୁଡ଼ିକ ମଧ୍ୟରେ ସହଭାଗିତା, ନବସୃଜନକୁ ବୃଦ୍ଧି କରିବା ସହ ମହାକାଶ ଲକ୍ଷ୍ୟ ପୂରଣ ଦିଗରେ ନୂତନ ସୁଯୋଗ ସୃଷ୍ଟି କରି ଛି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ମହାକାଶ ଇକୋସିଷ୍ଟମ୍ ଆତ୍ମନିର୍ଭର ହେବା ସହ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ସଫଳତା ଲାଭ କରୁଛି ।

ସୂଚନାଯୋଗ୍ୟ, ଆଜି ସକାଳ ୨ଟା ୫୫ ମିନିଟ୍‌ରେ ଇସ୍ରୋ ପକ୍ଷରୁ GSLV-F 17 ରକେଟ୍ ସାହାଯ୍ୟରେ ୨ହଜାର ୩୭୬ କିଲୋଗ୍ରାମ ବିଶିଷ୍ଟ ପୃଥ୍ୱୀ ନିରୀକ୍ଷଣ ଉପଗ୍ରହକୁ ଶ୍ରୀହରିକୋଟା ସତୀଶଧାୱନ ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚ ପ୍ୟାଡ୍‌ରୁ ଉତ୍କ୍ଷେପଣ କରାଯାଇଥିଲା ।

ଉତ୍କ୍ଷେପଣର ୧୮ ମିନିଟ୍ ପରେ ଏହି ଉପଗ୍ରହ କକ୍ଷ ପଥରେ ସଫଳତାର ସହ ସ୍ଥାପିତ ହୋଇଛି ।

## ବ୍ରିକ୍ସ-ଚିଫ୍ ଜଷ୍ଟିସ୍ ଫୋରମ

ବ୍ରିକ୍ସ ପ୍ରଧାନ ବିଚାରପତିମାନଙ୍କ ସମ୍ମିଳନୀ ନୂଆଦିଲ୍ଲୀରେ ଜାରି ରହିଛି । ଆଜିଠାରୁ ଆରମ୍ଭ ହୋଇଥିବା ସମ୍ମିଳନୀରେ ପ୍ରଧାନ ବିଚାରପତିଙ୍କ ସମେତ ବ୍ରିକ୍ସ ରାଷ୍ଟ୍ର ସମୂହର ନ୍ୟାୟିକ ପ୍ରତିନିଧି ଅଂଶ ଗ୍ରହଣ କରିଛନ୍ତି । ଆଜି ପ୍ରଥମ ଦିନରେ ଭାରତ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ' ରୁଷ୍, ଚୀନ୍, ଇଜିପ୍ଟ, ଇଣ୍ଡୋନେସିଆ, ୟୁଏଇ, ବେଲାରୁସ୍, କାଜାକସ୍ତାନ, ଦକ୍ଷିଣ ଆଫ୍ରିକା, ଇରାନ ଏବଂ ଉଜବେକିସ୍ତାନର ନ୍ୟାୟିକ ପ୍ରତିନିଧିମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ଏହି ସମ୍ମିଳନୀରେ ପାରସ୍ପରିକ ନ୍ୟାୟିକ ସଂପର୍କ ସୁଦୃଢ଼ କରିବା ସଂପର୍କରେ ବିଚାର ବିମର୍ଶ କରାଯିବ । ଏଥିରେ ନ୍ୟାୟ ପ୍ରଦାନ, ଅନ୍ତରାଷ୍ଟ୍ରୀୟ ବିବାଦ ସମାଧାନ, ପ୍ରଯୁକ୍ତି ସାମଗ୍ରିକ ବିକାଶ ସଂପର୍କରେ ଆଲୋଚନା ହେବ ।

## ନେପାଳ ଫ୍ଲଡ୍

ନେପାଳ-ତିବ୍ବତ ବନ୍ୟାରେ ମୃତ୍ୟୁସଂଖ୍ୟା ୧ ହଜାର ୨୮୨କୁ ବୃଦ୍ଧି ପାଇଛି । ନେପାଳ ପୋଲିସର ସୂଚନା ଅନୁଯାୟୀ, ସର୍ବାଧିକ ୩ଶହ ଅଣଷଠୀ ଜଣ ଚିତୁଓ୍ୱନରେ ମୃତ୍ୟୁବରଣ କରିଛନ୍ତି । ପୂର୍ବ ନଓ୍ୱାଲପାର୍ସୀରେ ୨୧୮ ଜଣ ଏବଂ ପଶ୍ଚିମାଞ୍ଚଳରେ ୨୦୮ ଜଣ, ନୂଆକଟ୍‌ରେ ୧୮୫, ରସଓ୍ୱାରେ ୧୪୦, ଗୋର୍ଖାରେ ୭୨ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । କାଠମାଣ୍ଡୁରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ୨ ଜଣଙ୍କର ମୃତ୍ୟୁ ଘଟିଛି । ନେପାଳର ଜାତୀୟ ବିପର୍ଯ୍ୟୟ ହ୍ରାସ ଓ ପରିଚାଳନା

କର୍ତ୍ତୃପକ୍ଷ ର ରିପୋର୍ଟ ଅନୁଯାୟୀ, ଗତକାଲି ସନ୍ଧ୍ୟା ସୁଦ୍ଧା ୫ ହଜାର ୫୩ ଜଣ ନିଖୋଜ ଅଛନ୍ତି । ଇତ୍ୟବସରରେ ନେପାଳ ପକ୍ଷରୁ ନିଖୋଜଙ୍କ ପରିଚୟ ଜାଣିବା ନିମନ୍ତେ ଡିଏନଏ ଚିହ୍ନଟ ବ୍ୟବସ୍ଥା ଆରମ୍ଭ ହୋଇଛି । ନେପାଳର ତ୍ରିଶୂଳୀ-୩ ଏ ଜଳବିଦ୍ୟୁତ୍ ପ୍ରକଳ୍ପ ଟନେଲରେ ଫସି ରହିଥିବା ଅନ୍ୟ ୨ ଜଣଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଛି । ନେପାଳ ଆର୍ମି ଜରୁରୀକାଳୀନ ବିଭାଗ ସହଯୋଗରେ ପ୍ରାୟ ୧୨ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି ।

## ଏମ୍ଇଏ-ଡିଏନ୍ଏ ପ୍ରୋଫାଇଲ୍

ନେପାଳରେ ଭୟଙ୍କର ବନ୍ୟାରେ ନିଖୋଜ ଥିବା ଭାରତୀୟ ନାଗରିକଙ୍କୁ ଚିହ୍ନଟ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସ୍ୱତନ୍ତ୍ର ସେବା ଯୋଗାଇଦେବା ଲାଗି ନିଷ୍ପତ୍ତି ଗ୍ରହଣ କରିଛି । ନିଖୋଜ ଥିବା ବ୍ୟକ୍ତିଙ୍କ ପ୍ରଥମ ଜୈବିକ ସମ୍ପର୍କୀୟଙ୍କ ଡି.ଏନ୍.ଏ. ଚିହ୍ନଟ ପାଇଁ କେନ୍ଦ୍ର ଓ ରାଜ୍ୟରେ ଥିବା ଫୋରେନ୍ସିକ୍ ବିଜ୍ଞାନ ପରୀକ୍ଷାଗାର ଏବଂ ଜାତୀୟ ଫୋରେନ୍ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପରୀକ୍ଷାଗାରଗୁଡ଼ିକର ସେବା ଯୋଗାଇଦେବ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଭାରତରେ ରହୁଥିବା ନିଖୋଜ ନାଗରିକଙ୍କ ପ୍ରଥମ ଜୈବିକ ସମ୍ପର୍କୀୟମାନେ ସେମାନଙ୍କ ଡି.ଏନ୍.ଏ. ନମୁନା ସଂଗ୍ରହ କରି ସୁବିଧାରେ ଡି.ଏନ୍.ଏ. ଚିହ୍ନଟ କରାଇପାରିବେ । ନେପାଳ ପୋଲିସର ପରାମର୍ଶ ଅନୁଯାୟୀ ନିଖୋଜଙ୍କ ପରିଚୟ ଜାଣିବା ନିମନ୍ତେ ଅଟୋସୋମାଲ ଏସ୍.ଟି.ଆର୍. ଡି.ଏନ୍.ଏ. ଚିହ୍ନଟ ବ୍ୟବସ୍ଥା କରାଯିବ ।

ଏଥିଲାଗି ଏକ ସହାୟତା ନମ୍ବର ଜାରି କରାଯାଇଛି । ସେହି ନମ୍ବରଟି ହେଉଛି, **+977 9841 6160 95** । ଅଜ୍ଞାତ ମୃତ ଶରୀରରୁ ସଂଗ୍ରହ କରାଯାଇଥିବା ଡି.ଏନ୍.ଏ. ପ୍ରୋଫାଇଲ୍ ସହିତ ତୁଳନା କରିବା ଲାଗି ନେପାଳୀ କର୍ତ୍ତୃପକ୍ଷଙ୍କୁ ଇ-ମେଲ୍ ଜରିଆରେ ଭାରତରୁ ସଂଗୃହୀତ ଡି.ଏନ୍.ଏ. ବିବରଣୀ ପଠାଯାଇପାରିବ । ଇ-ମେଲ୍ ଆଇଡି ହେଉଛି – **dnacodis@nepalpolice.gov.np** । ସଂଗୃହୀତ ଡି.ଏନ୍.ଏ. ରିପୋର୍ଟ୍‌ର ଏକ କପି କାଠମାଣ୍ଡୁ ସ୍ଥିତ ଭାରତୀୟ ଦୂତାବାସକୁ ମଧ୍ୟ ପଠାଯିବା ଲାଗି ବ୍ୟବସ୍ଥା କରାଯାଇଛି । ସେଥିପାଇଁ ଏକ ଇ-ମେଲ୍ ଆଇଡି ଜାରି କରାଯାଇଛି । ତାହା ହେଉଛି – **eoikathmandufloodsupport@gmail.com** ।

---

## ଜନ୍ମାଷ୍ଟମୀ

ଧାର୍ମିକ, ଉତ୍ସାହ ଓ ଉଦ୍ଦୀପନାର ସହ ଆଜି ସାରା ଦେଶରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବକୁ ନେଇ ଜନ୍ମାଷ୍ଟମୀ ପର୍ବ ପାଳନ କରାଯାଉଛି । ଏହି ଅବସରରେ ଶ୍ରଦ୍ଧାଳୁମାନେ ଉପବାସ ରଖିବା ସହ ମନ୍ଦିରକୁ ଯାଇ ପୂଜାପାଠ କରିବାର ପରମ୍ପରା ରହିଛି । ବିଭିନ୍ନ ମଠ, ମନ୍ଦିର ସମେତ ଅନ୍ୟାନ୍ୟ ସ୍ଥାନଗୁଡ଼ିକରେ ଭଜନ ଓ ସଂକୀର୍ତ୍ତନ ପରିବେଷଣ କରାଯାଉଛି । ପ୍ରଭୁ ଶ୍ରୀକୃଷ୍ଣଙ୍କ ଜୀବନର କେତେକ ଘଟଣା, ବିଶେଷ କରି ତାଙ୍କ ବାଲ୍ୟ ଲୀଳାଖେଳାକୁ ନେଇ ଗୋକୁଳ ଏବଂ ବୃନ୍ଦାବନ ଉତ୍ସବମୁଖର ହୋଇଛି ।

ଜନ୍ମାଷ୍ଟମୀ ପର୍ବ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଶ୍ରୀକୃଷ୍ଣଙ୍କ ଜୀବନୀ ଓ ଶିକ୍ଷା ଭାରତର ସାଂସ୍କୃତିକ ଓ ଦାର୍ଶନୀକ ଐତିହ୍ୟକୁ ଜୀବନ୍ତ

କରିଛି । ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କ ଶିକ୍ଷା, ଦର୍ଶନ ତତ୍ତ୍ୱ, ତ୍ୱରିତ ନିଷ୍ପତ୍ତି ଗ୍ରହଣ କରିବା ଏବଂ ନୈତିକ ମୂଲ୍ୟବୋଧ ବଜାୟ ରଖିବା ଭଳି ପ୍ରସଙ୍ଗ ମାନବ ଜାତି ପାଇଁ ଅନନ୍ତ ଉତ୍ସ ହୋଇ ରହିଛି ବୋଲି ରାଷ୍ଟ୍ରପତି କହିଛନ୍ତି । ଜନ୍ମାଷ୍ଟମୀ ପର୍ବ ସମସ୍ତଙ୍କୁ ସଦ୍‌ଭାବନା, କର୍ତ୍ତବ୍ୟ ଏବଂ ସେବା ପ୍ରତି ସମର୍ପଣ ଭାବନାକୁ ବଜାୟ ରଖିବାକୁ ପ୍ରେରଣା ଦେଇଥାଏ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ।

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଜନ୍ମାଷ୍ଟମୀ ଶୁଭେଚ୍ଛା ଜଣାଇ କହିଛନ୍ତି, ପ୍ରଭୁ ଶ୍ରୀକୃଷ୍ଣଙ୍କ ପ୍ରତି ଭକ୍ତି ଏବଂ ଅସୀମ ପ୍ରେମ ଆମ ସମସ୍ତଙ୍କୁ ଏକ କରିଛି । ଭଗବତ ଗୀତାର ଗଭୀର ଜ୍ଞାନ, କର୍ତ୍ତବ୍ୟ, ନୀତି, ନ୍ୟାୟ ଓ ସାହସ ଜୀବନରେ ସନ୍ତୁଳନ ରକ୍ଷା କ୍ଷେତ୍ରରେ ମାର୍ଗଦର୍ଶନ ପ୍ରଦାନ କରୁଥିବା ସେ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀକୃଷ୍ଣଙ୍କର ନିଃସ୍ୱାର୍ଥପର କାର୍ଯ୍ୟ ମାନବ ଜାତିର ପଥପ୍ରଦର୍ଶକ ବୋଲି କହିବା ସହ ପ୍ରଭୁ ଶ୍ରୀକୃଷ୍ଣ ସମସ୍ତଙ୍କ ଜୀବନରେ ଶକ୍ତି ଏବଂ ସାମର୍ଥ୍ୟ ଭରିଦେଉ ବୋଲି କହିଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଜନ୍ମାଷ୍ଟମୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଭୁ ଶ୍ରୀକୃଷ୍ଣ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ ବୋଲି କାମନା କରିଛନ୍ତି । ଏହି ଅବସରରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ' ଦେଶବାସୀଙ୍କ ଉନ୍ନତି କାମନା କରିଛନ୍ତି ।

---

**ଜେପିସି**

ବିଦେଶୀ ଅନୁଦାନ ନିୟାମକ ସଂଶୋଧନ ବିଧେୟକ ୨୦୨୬ ନିମନ୍ତେ ସରକାର ଏକ ୩୧ ଜଣିଆ ଯୁଗ୍ମ ସଂସଦୀୟ କମିଟି ଗଠନ କରିଛନ୍ତି । ଲୋକସଭା ସାଂସଦ ସଂଜୟ ଜୟସ୍ୱାଲଙ୍କ ଅଧ୍ୟକ୍ଷତାରେ ଏହି ଯୁଗ୍ମ ସଂସଦୀୟ କମିଟି ବିଦେଶୀ ଅନୁଦାନ ନିୟାମକ ସଂଶୋଧନ ବିଧେୟକରେ ହୋଇଥିବା ସଂଶୋଧନ ଗୁଡ଼ିକୁ ପରୀକ୍ଷା ନିରୀକ୍ଷା କରିବ । ଗତ ଅଗଷ୍ଟ ୧୨ ତାରିଖରେ ସଂସଦର ଉଭୟ ସଦନ ଏହି ବିଧେୟକକୁ ଅଧିକ ପରୀକ୍ଷା ନିରୀକ୍ଷା ପାଇଁ ସଂସଦୀୟ ଯୁଗ୍ମ କମିଟିକୁ ପଠାଇବା ଲାଗି ସୁପାରିଶ କରିଥିଲେ । ବିଦେଶୀ ଅନୁଦାନ ନିୟାମକ ୨୦୧୦ରେ ସଂଶୋଧନ କରିବା ଏହି ବିଧେୟକର ଉଦ୍ଦେଶ୍ୟ ।

## ଏନ୍‌ସିପିସିଆର

ରାଷ୍ଟ୍ରୀୟ ଶିଶୁ ଅଧିକାର ସଂରକ୍ଷଣ ଆୟୋଗ-ଏନ୍‌ସିପିସିଆର ଏକ ସ୍ୱତନ୍ତ୍ର ଅଭିଯାନ ଜରିଆରେ ଦେଶବ୍ୟାପୀ ୩ ହଜାର ୮୦୦ରୁ ଅଧିକ ଶିଶୁଙ୍କୁ ଶ୍ରମମୁକ୍ତ କରିଛନ୍ତି । ଏହି ଅଭିଯାନ କାଳରେ ୫୭୫ରୁ ଅଧିକ ମାମଲା ଦାଏର କରାଯାଇଛି । କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଗତ ଜୁନ୍ ୧୨ ତାରିଖରୁ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଆୟୋଗ ବିଭିନ୍ନ ରାଜ୍ୟ ସରକାର, ପୋଲିସ୍ ଓ ଅନ୍ୟାନ୍ୟ ସଂପର୍କିତ ପ୍ରତିଷ୍ଠାନ ଜରିଆରେ ସ୍ୱତନ୍ତ୍ର ଅଭିଯାନ ଚଳାଇଥିଲା । ଏଥିରେ ଶିଶୁମାନଙ୍କ ଥଇଥାନ ସମେତ ସେମାନଙ୍କୁ ଶ୍ରମମୁକ୍ତ କରିବା ଲାଗି ସଚେତନତା ଅଭିଯାନ ଆୟୋଜନ କରାଯାଇଥିଲା ।

# ପିଏମ୍ ମୋଦି-ମେଲୋନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ଇଟାଲୀର ଯୁଦ୍ଧ ପରବର୍ତ୍ତୀ ସମୟରେ ସବୁଠାରୁ ଦୀର୍ଘକାଳୀନ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ତାଙ୍କ ନେତୃତ୍ୱ ଉପରେ ଇଟାଲୀର ନାଗରିକମାନେ ବିଶ୍ୱାସ ଓ ଆସ୍ଥା ପ୍ରକଟ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଭାରତ-ଇଟାଲୀ ସ୍ୱତନ୍ତ୍ର ରଣନୈତିକ ଭାଗିଦାରିତା କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ଥିବା ବନ୍ଧୁତ୍ୱ, ପୂର୍ଣ୍ଣ ସହଯୋଗ ଅତୁଟ ରହିଛି । ଆଗାମୀ ଦିନରେ ଉଭୟ ଦେଶର ଲୋକମାନଙ୍କ ବିକାଶ ନିମନ୍ତେ ଏହି ଭାଗିଦାରିତା ଆହୁରି ଦୃଢ଼ ହେବ ବୋଲି ସେ ଆଶା ପୋଷଣ କରିଛନ୍ତି ।

# ଚାଇନା ମାଷ୍ଟର୍ସ

ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଆଜି ସନ୍ଧ୍ୟାରେ ଭାରତୀୟ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ ସେଟ୍ଟି ଦାନିସ୍ ଯୋଡ଼ି କିମ୍ ଆଷ୍ଟ୍ରୋ ଓ ଆଣ୍ଡର୍ସ ସ୍କାରୁପଙ୍କ ସହ ସେମିଫାଇନାଲ୍‌ରେ ଅବତୀର୍ଣ୍ଣ ହେବେ । ଭାରତୀୟ ସମୟ ଅପରାହ୍ନ ୪ଟା ୧୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ଏହି ଭାରତୀୟ ଯୋଡ଼ି କ୍ୱାର୍ଟର ଫାଇନାଲ୍‌ରେ ଫ୍ରାନ୍ସ ଯୋଡ଼ିଙ୍କୁ ଗତକାଲି ପରାସ୍ତ କରିଥିଲେ । ସେହିପରି ପୁରୁଷ ଏକକରେ କିଦାମ୍ବୀ ଶ୍ରୀକାନ୍ତ ଆଜି ସେନ୍‌ଜେନ୍‌ରେ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ୍‌ରେ ହଂକଂର ଲି ଚିଉକ୍ ୟୁ ଙ୍କଠାରୁ ୧୬-୨୧, ୧୬-୨୧ରେ ପରାସ୍ତ ହୋଇଛନ୍ତି ।

ପୂର୍ବରୁ ଭାରତୀୟ ମହିଳା କ୍ରୀଡ଼ାବିତ୍ ତନ୍ଭୀ ଶର୍ମା ଗତକାଲି ଏକକ ବର୍ଗରେ ଜାପାନର ଟୋମକା ମିଆଜାକିଙ୍କ ଠାରୁ ୨୧-୧୭, ୧୮-୨୧ ଓ ୨୧-୧୬ ସେଟ୍‌ରେ ପରାସ୍ତ ହୋଇଥିଲେ ।